# Akashvani, Sambalpur

## SAMBALPURI NEWS BULLETIN

### 26 April 2025- 6.47- 6.52 am.

**********************************************

ରାଜ୍‌ଗାର୍ ମେଳା- ପ୍ରଧାନ୍‌ମନ୍ତ୍ରୀ          ପି.ଆଇ.ବି./ଏକ୍ସ

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଭିନ୍ ଭିନ୍ ସର୍‌କାରୀ ବିଭାଗ୍ ଆର୍ ପ୍ରତିଷ୍ଠାନ୍‌ଥି ନିଯୁକ୍ତି ପାଇଥିବା ୫୧ ହଜାର୍ ଯୁଆନ୍ ପିଲାଟୁକେଲ୍ ମାନ୍‌କୁ ନିଯୁକ୍ତିପତ୍ର ବାଂଟ୍‌ବେ । ନୂଆଦିଲ୍ଲୀ ଠାନେ ଆଏଜ୍ ଦିନର୍ ୧୧ ବଜେ ହେବାର୍‌କେ ଥିବା ୧୫ ନମ୍ବର୍ ରୋଜ୍‌ଗାର୍ ମେଳାଥି ଦେଶର୍ ୪୭ ଟା ଜାଗା ନ ଆଭାସୀ ଜରିଏ ପ୍ରଧାନ୍‌ମନ୍ତ୍ରୀ ଇ ନିଯୁକ୍ତିପତ୍ର ଦେବେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ସି.ଏସ୍.ଆଇ.ଆର୍ ଗବେଷଣା କେନ୍ଦ୍ରର ପ୍ରେକ୍ଷାଳୟ ଠାନେ ରୋଜ୍‌ଗାର୍ ମେଳା କାର୍ଯ୍ୟକ୍ରମ୍ ହେବା । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସଡ଼କ ପରିବହନ୍ ଆଉ ରାଜପଥ ରାଷ୍ଟ୍ରମନ୍ତ୍ରୀ ହର୍ଷ ମଲ୍‌ହୋତ୍ରା ଯୋଗ୍ ଦେବେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇଡାର୍ ପ୍ରସାରଣ୍ କରାଯିବା । ଆଏବା କାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ପୋପ୍ ପରଲୋକ- ରାଷ୍ଟ୍ରୀୟ ଶୋକ ପିଆଇବି/ଏକ୍ସ

କ୍ୟାଥଲିକ୍ ଖ୍ରୀଷ୍ଟ ଧର୍ମଗୁରୁ ପୋପ୍ ଫ୍ରାନ୍‌ସିସ୍‌ଙ୍କର ଅନ୍ତିମ୍ ସତ୍କାର୍ ଆଏଜ୍ କରାଯିବା । ଇଥିର୍‌ଲାଗି ଆଏଜ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଦିନ୍‌କିଆ ରାଷ୍ଟ୍ରୀୟ ଶୋକ ପାଲନ୍ କରାଯିବା । ପୋପ୍‌ଙ୍କର୍ ଅନ୍ତିମ୍ ସତ୍କାର୍

କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍‌କେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାଟିକାନ୍ ସିଟି ଯାଇଛନ୍ ।

କ୍ୟାଥଲିକ୍ ଖ୍ରୀଷ୍ଟିଆନ୍ ଧର୍ମଗୁରୁ ପୋପ୍ ଫ୍ରାନ୍‌ସିସ୍‌ଙ୍କର ଗଲା ୨୧ ତାରିଖ୍ ଦିନ ୮୮ ବଛର୍ ବୟସେ ପରଲୋକ ହେଇଥିଲା ।

ଇଣ୍ଡିଆ ଷ୍ଟିଲ୍ ସମ୍ମିଲନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁମ୍ବାଇ ଠାନେ ଗଲାକାଏଲ୍ ହେଇଥିବା ଇଣ୍ଡିଆ ଷ୍ଟିଲ୍ ୨୦୨୫ ର ଓଡ଼ିଶା ଷ୍ଟେଟ୍ ରାଉଣ୍ଡ୍ ଟେବଲ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ 'ଓଡ଼ିଶାଥି ନିବେଶ୍ କର ଆର୍ ସମୃଦ୍ଧ ଓଡ଼ିଶାର ବିକାଶ୍ କାହାନୀର୍ ଭାଗିଦାର୍ ହୁଅ' ବଲି ନିବେଶକ୍‌ମାନ୍‌କୁ ଆହ୍ୱାନ୍ ଦେଇଛନ୍ । ଶିଳ୍ପ ସଂଘ ଫିକି ଆଉ ଇସ୍ପାତ୍ ମନ୍ତ୍ରଣାଳୟ ତର୍‌ଫୁ ହେଇଥିବା ଇ ସମ୍ମିଲନୀଥି ନିରନ୍ତର୍ ଇସ୍ପାତ୍ ଉତ୍ପାଦନ୍, କଂଚାମାଲ୍ ସୁରକ୍ଷା, ଡିଜିଟାଲ୍ ବିପ୍ଲବ ଆଉ ବିଶ୍ୱସ୍ତରୀୟ ସହଯୋଗିତାକେ ଜୋର୍ ଦିଆଯାଇଛେ । ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଇସ୍ପାତ୍ ଆଉ ଧାତବ ଶିଳ୍ପଥି ଓଡ଼ିଶାର୍ ରଣନୀତି ବାବ୍‌ଦେ ବିସ୍ତୃତ୍ ଆଲୋଚନା କରିଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ବହୁତ୍ ଗୁରୁତ୍ୱପୂର୍ଣ୍ଣ କାମ୍ ଥିବାର୍‌ନୁ ଆଏବା ସୋମ୍‌ବାର୍ ୨୮ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଧ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସ୍କୁଲ୍ ଛୁଟି- ରାଜସ୍ୱମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଢ୍‌ତି ଖରାକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍ ସ୍କୁଲ୍ କଲେଜ୍ ଆଉ ଅଙ୍ଗନ୍‌ବାଡ଼ି ମାନ୍‌କେ ଛୁଟି ଘୋଷ୍‌ନା କରିଛନ୍ । ଇ ସମିଆଥି ଯଦି କେନ୍‌ସି ଘରୋଇ ସ୍କୁଲ୍ ଖୁଲା ରହେବା ତାର୍ ନାଁଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇ ବଛର୍ ତାପମାତ୍ରା ଗଲା ବଛର୍ ମାନ୍‌କର୍ ତୁଲ୍‌ନାଥି ଅଏତ୍‌କା ରହେବା ବଲି ପୂର୍ବାନୁମାନ୍ କରାଯିବାର୍‌ନୁ ବିଭାଗ୍ ତର୍‌ଫୁ ଆଗ୍‌ତୁରା ପ୍ରସ୍ତୁତି ସରିଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇସାରିଛେ ।

ମେ ୧ରୁ ଡାଲୁଆ ଧାନ୍ ଘିନା I&PR

ଇ ବଛର୍ ମେ ୧ ତାରିଖ୍‌ନୁ ୩୦ ତାରିଖ୍ ତକ୍ ରାଏଜେ ଡାଲୁଆ ଧାନ୍ ଘିନାଯିବା ବଲି ଗଲାକାଏଲ୍ ଭୁବନେଶ୍ୱର ଲୋକସେବା ଭବନ୍‌ଠାନେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ ନ ଧାରିଜ୍ କରାଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ, ଇ ଖେଡ଼ ୨୦ଟା ଜିଲ୍ଲାର ୯ ଶହ ୬୫ଟା ପେକ୍ସ ଜରିଏ ୧୪ ଲାଖ୍ ମେଟ୍ରିକ୍‌ଟନ୍ ଧାନ୍ ଘିନ୍‌ବାର୍‌କେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ । ଧାନ୍ ବିକ୍‌ବାର୍ ଲାଗି ପାଖାପାଖି ୩ ଲାଖ୍ ୩୭ ହଜାର ଚାଷୀ ପଞ୍ଜିକୃତ୍ ହେଇଛନ୍, ଯେନ୍‌ଟାକି ଗଲା ବଛର୍‌ନୁ ଶହେ ୧୨ ପ୍ରତିଶତ୍ ଅଏତ୍‌କା ଆଏ ।

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

'ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ମିଳିତ ପ୍ରଚେଷ୍ଟା' ବାର୍ତା ନେଇକରି ଆଏଜ୍ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ପାଲନ୍ କରାଯିବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍ ହଲ୍ ଠାନେ ଆଏଜ୍ ଇ ଅବ୍‌ସରେ ଖାସ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ରାଏଜେ ପ୍ରାଣୀସମ୍ପଦ୍‌ର ସୁରକ୍ଷାର୍ ଲାଗି ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ମୁଲ୍ କରିଛନ୍ । ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନା, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍, ଗୋମାତା ଯୋଜ୍‌ନା

ଆଉ ବୁଲା ଗାଈଗୋରୁମାନ୍‌କର୍ ଲାଗି ଗୋଶାଲା ଥାପ୍‌ନା ଲାଗି ୫୨ ଲାଖ୍ ଟଙ୍କାତକ୍ ସାହାଜ୍ ରାଜ୍ୟ ସର୍‌କାର୍ ମୁଲ୍ କରିଛନ୍ ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି I&PR

ଓଡ଼ିଶା ଗଠନ୍‌ର ଝନେ ମେର୍‌ଖୁମ୍ ଆଉ ରାଜ୍ୟର ଆଘର୍ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଆଏଜ୍ ହଉଛେ ଜନମ୍‌ଦିନ୍ । ଓଡ଼ିଶା ଗଠନ୍ ଦିଗେ ମହାରାଜାଙ୍କର ଭୂମିକାକେ ସୁର୍‌ତା କରି କରି ଆଏଜ୍ ସରକାରୀ ଆଉ ବେସରକାରୀ ସ୍ତର୍‌ଥି ତାଙ୍କର ଜୟନ୍ତୀ ଉଛବ୍ ପାଳନ୍ କରାଯାଉଛେ । ରାଜ୍ୟ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଆଏଜ୍ ସଖାଲେ ଭୁବନେଶ୍ୱର ଏଜି ଛକ୍‌ଠାନେ ଥିବା ମହାରାଜାଙ୍କର ପ୍ରତିମୂର୍ତ୍ତିନ ମାଲ୍ୟାର୍ପଣ କରାଯିବା । ଉପରବେଲା ଜୟଦେବ ଭବନ୍‌ଠାନେ ହେବାର୍‌କେ ଥିବା ସମାରୋହଥି ବାଚସ୍ପତି ସୁରମା ପାଢ଼ୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ବାସ୍କେଟ୍‌ବଲ୍ କ୍ରୀଡ଼ା ଉତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ -୧ ଠାନେ ଭୁବ୍‌ନେଶ୍ୱର୍ ସମ୍ଭାଗ ସ୍ତରୀୟ ବାସ୍କେଟ୍‌ବଲ୍ କ୍ରୀଡ଼ା ଉତ୍ସବ୍ ମୁଲ୍ ହେଇଛେ । ବିଦ୍ୟାଳୟ

ପ୍ରାଚାର୍ଯ୍ୟ ରଣରଞ୍ଜୟ ସିଂଙ୍କର୍ ସଭାପତିତ୍ୱରେ ହେଇଥିବା କାର୍ଯ୍ୟକ୍ରମ୍‌ରେ ଭୁବ୍‌ନେଶ୍ୱର୍ ସମ୍ଭାଗର ୧୨ ଟା କେନ୍ଦ୍ରୀୟ ବିଦ୍ୟାଲୟର୍ ଶହେ ୫୪ ଝନ୍ ପ୍ରତିଯୋଗୀ ଭାଗ୍ ନେଇଛନ୍ ।